**ଷଣ୍ଢ ହତ୍ୟା ମାମଲା: ୩ ଗିରଫ**

ବୈଶିଙ୍ଗା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ହାତିଝୁରୀ ନୂଆସାହି ଗ୍ରାମରେ ଷଣ୍ଢ ହତ୍ୟା ଘଟଣାକୁ ନେଇ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜେଇମୁନ ବିବି, ସେକ୍ ରକିବ ଓ ସେକ ଜବିର। ଗଣ୍ଡଗୋଳ ଆଶଙ୍କାରେ ଉକ୍ତ ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏସ୍‌ଡିପିଓ ସୁଦର୍ଶନ ଦାଶ ଘଟଣାର ପ୍ରତ୍ୟକ୍ଷ ତଦାରଖ କରୁଥିବା ବେଳେ ବୈଶିଙ୍ଗା ଥାନାଧିକାରୀ ଅନୁସନ୍ଧାନ ଜାରି ରଖିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳିକା ମୃତ

ସଜନାଗଡ଼, ୩୧।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ଦକ୍ଷିଣ କଅଁରପୁର ଗ୍ରାମର ସନ୍ତୋଷ ବେହେରାଙ୍କ ୧୧ବର୍ଷୀୟା ଝିଅ ମମତାମୟୀ ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଘରେ ମା'ବାପା ନ ଥିବା ବେଳେ ସେ ସ୍କୁଲରୁ ଫେରି ପୋଖରୀରେ ଗାଧୋଇବାକୁ ଯାଇଥିଲେ। ତାଙ୍କ ଗୋଡ ଖସିଯିବାରୁ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ୍ୟୁ ଖବର ଶୁଣି ମେଡ଼ିକାଲ ଓ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୩୧।୩: ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଜନୈକା ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରଲ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅମର୍ଦା ନିକଟ ବଧିମୁହାଁ ଅଞ୍ଚଳର ମାନସ ରଞ୍ଜନ ବାରିକ। ସେ ଟାଉନ ଥାନା ଅଧୀନରେ ରହୁଥିବା ଜନୈକା ଯୁବତୀଙ୍କୁ ସହ ପ୍ରେମ ଜାଲରେ ଫସାଇ ସମ୍ପର୍କ ସ୍ଥାପନ କରିଥିଲେ। ପରେ କୌଣସି କାରଣରୁ ଦୁର୍ବଳ ମୁହୂର୍ତ୍ତର ଉତ୍ତୋଳିତ ଭିଡିଓ ଭାଇରାଲ କରିବା ନେଇ ଯୁବତୀ ଜଣକ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ବିଧାୟକ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଭଣ୍ଡାରିପୋଖରୀ, ୩୧।୩ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ବିଧାୟକଙ୍କ ଆଞ୍ଚଳିକ ପାଣ୍ଠିରୁ ଖୁବ୍‌ଶୀଘ୍ର ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଡା. କମଳାକାନ୍ତ ସ୍ୱାଇଁ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ, ବିପିଏମ୍ ରଶ୍ମିରେଖା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଲଳିତ କୁମାର ରାଉତ, ସାମାଜିକ କର୍ମୀ ଦେବେନ୍ଦ୍ର ଦାସ, ସତ୍ୟାନନ୍ଦ ମହାପାତ୍ର, ମେଡିକାଲ ସୁପରଭାଇଜର ମନୋରଞ୍ଜନ ରାଉତ, ପଙ୍କଜ ବେହେରା, ରଞ୍ଜିତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବାଲିଆପାଳ, ୩୧।୩(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତ ବିଜୟ କୁମାର ବାରିକ (୫୨) ଗୁରୁବାର ଇଟାଭାଟିରୁ କାମ ସାରି ଧାନଜମିରେ ଘାସ ବାଛୁଥିବା ବେଳେ ଏକ ବିଷଧର ସାପ କାମୁଡ଼ିଥିଲା। ପ୍ରଥମେ ବିଜୟଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବିଜୟ ଦୀର୍ଘଦିନ ଧରି ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରି ଆସୁଥିଲେ। ମାତ୍ର କରୋନା ପାଇଁ ଘରକୁ ଆସି ଆଉ ଦିଲ୍ଲୀ ଯାଇ ନ ଥିଲେ। ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ବାଲିଆପାଳ ଅଞ୍ଚଳରେ ଏକ ଇଟାଭାଟିରେ କାମ କରିବା ସହିତ କିଛି ଚାଷ ଜମି ଭାଗ ସୂତ୍ରରେ ଆଣି ଚାଷ କରୁଥିଲେ।

### ୨ ଆଇନଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ ଅଫିସ, ୩୧।୩: ଭଦ୍ରକ କୋର୍ଟଙ୍କ ଦୁଇ ବରିଷ୍ଠ ଆଇନଜୀବୀ ଉମାକାନ୍ତ ପଣ୍ଡା ଓ ହାଜି ସେକ୍ ଜୁଲଫିକରଙ୍କ ବିୟୋଗରେ ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଓକିଲ ସଂଘ ସଭାପତି ଦିଲୀପ ମହାପାତ୍ର, ଜାମିଲ ଅହମ୍ମଦ, ହାଜି ସେକ୍ ଇସ୍ତାହାର, ପବନ ଶର୍ମା, ତାହେର ଅହମ୍ମଦ, ସଂଘର ପୂର୍ବତନ ସମ୍ପାଦକ ଜିତେନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ସୁରେନ୍ଦ୍ର କର ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ମିଳୁନି ରାଜସ୍ୱ ଗ୍ରାମ ମାନ୍ୟତା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୩୧।୩

- କଅଁଳେଇ ବାଲିପାଳ ଗାଁର ୧୫୦ ପରିବାର ହଇରାଣ
- ୮ କି.ମି. ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ


ଗୁଜୁରାଣ ମେଣ୍ଟାଇବା ପାଇଁ ବନବାସୀ ମହିଳାମାନେ ପତ୍ର ଥାଳି ତିଆରି କରୁଛନ୍ତି।

ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର କଅଁଳେଇ ବାଲିପାଳ ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁନି। ଫଳରେ ହାଟଡିହୀ ବ୍ଲକ ଅଧୀନ ହଦଗଡ଼ ସଂରକ୍ଷିତ ଜଙ୍ଗଲାଞ୍ଚଳରେ ଥିବା ଏହି ଗାଁର ୧୫୦ ବନବାସୀ ପରିବାର ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହି ଗାଁ ନାମରେ ପଞ୍ଚାୟତ ରହିଛି , କିନ୍ତୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳି ନ ଥିବାରୁ ଏହି ନାମଧାରୀ ପଞ୍ଚାୟତ ସେଠାରୁ ପ୍ରାୟ ୮ କି.ମି. ଦୂର ରାଇଘାଟି ଗ୍ରାମରେ ଚାଲିଛି।

୨୦୧୭ରେ ପଞ୍ଚାୟତବାସୀ ବିଭିନ୍ନ ଦାବିରେ ଭୋଟ ବର୍ଜନ କରିଥିବା ବେଳେ ଚଳିତ ବର୍ଷ କଅଁଳେଇ ବାଲିପାଳର ପାଖାପାଖି ୨୮୮ ଭୋଟର ସେମାନଙ୍କ ଦାବି ପୂରଣ ନ ହେବାରୁ ପ୍ରତିବାଦ କରି ପୂର୍ବ ନିଷ୍ପତ୍ତି କ୍ରମେ ଭୋଟଦାନରୁ ବିରତ ରହିଥିଲେ। ବ୍ଲକ ମୁଖ୍ୟାଳୟ ଠାରୁ ୪୦ କି.ମି. ଦୂରରେ ଥିବା ଏହି ଗ୍ରାମକୁ ସବୁଦିନିଆ ରାସ୍ତା ଖଣ୍ଡେ ନାହିଁ। ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି ଲୋକେ। ବର୍ଷା ଦିନରେ ଅଧିକ ଅସୁବିଧାରେ ପଡୁଛନ୍ତି। ଟେଲିଫୋନ ସେବା ନ ଥିବାରୁ ଆମ୍ବୁଲାନ୍ସ ଓ ଦମକଳ ସଂସ୍ଥା ସହ ଯୋଗାଯୋଗ କରି ପାରୁ ନାହାନ୍ତି ଲୋକେ। ସେହିପରି ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଏହି ଗ୍ରାମରେ ୪ଟି ନଳକୂପ ଖନନ ହୋଇଥିଲେ ହେଁ କାମରେ ଲାଗୁନାହିଁ। ଫଳରେ ଏବେ ହିଞ୍ଚଳ ଝରଣା, ଦେଶବନ୍ଧ ଝରଣା ଓ କପାଜଳ ଝରଣା ଉପରେ ଲୋକେ ପାଣି ପାଇଁ ନିର୍ଭର କରୁଛନ୍ତି। ସେହିପରି ଗ୍ରୀଷ୍ମ ଋତୁରେ ଏହି ସବୁ ଝରଣା ଶୁଖିଗଲେ ସେଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ହଦଗଡ଼ ଡ୍ୟାମରୁ ଗରାଡେକଚି ବା ଭାରରେ ବୋହି ପାଣି ଆଣି ବ୍ୟବହାର କରୁଥିବା ସ୍ଥାନୀୟ ଅଧିବାସୀ ବୁଧୀରାମ ପୂର୍ତ୍ତି କହିଛନ୍ତି। ଏହି ଗ୍ରାମରେ ଜଣେ ମଧ ବିଜୁ ପକ୍କା ଯୋଜନାରେ ଘର ଖଣ୍ଡେ ପାଇ ନ ଥିବା ବେଳେ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ପାଇ ନ ଥିବା କହିଛନ୍ତି। ଫଳରେ ଏହାକୁ ନେଇ ଗ୍ରାମବାସୀ ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ସମସ୍ୟା ସମାଧାନ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଣୁ ସେମାନେ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ଏପରିକି ନିୟମାନୁଯାୟୀ ଉକ୍ତ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି ନେଇ ରାଜ୍ୟପାଳଙ୍କୁ ଲିଖିତ ଜଣାଇବା ପରେ ଜିଲା ପ୍ରଶାସନକୁ ପଦକ୍ଷେପ ନେବାକୁ ଜଣାଇଛନ୍ତି। ଏଣୁ ଜିଲାପାଳଙ୍କ ପଦକ୍ଷେପକୁ ନେଇ ସ୍ଥାନୀୟ ବନବାସୀ ବହୁ କିଛି ଆଶା ରଖିଛନ୍ତି।

# ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ

କେନ୍ଦୁଝର, ୩୧।୩(ସ୍ୱ.ପ୍ର.)

**ନିଶାନିବାରଣ କେନ୍ଦ୍ର ନେବାବେଳେ ଯୁବକଙ୍କୁ ହତ୍ୟା ଘଟଣା**

କେନ୍ଦୁଝର ଟାଉନଥାନା ଅଧୀନ ରାଙ୍କି ଗ୍ରାମର ଆଦିତ୍ୟ ନାରାୟଣ ସ୍ୱାଇଁଙ୍କୁ ନିଶା ନିବାରଣ କେନ୍ଦ୍ରକୁ ନେବା ବେଳେ ବାଟରେ ହତ୍ୟା କରି ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ଏକ ଜଙ୍ଗଲରେ ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଯଶିପୁର ଥାନା ପୋଲିସ ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏନେଇ ଗୁରୁବାର ମୃତକଙ୍କ ପରିବାର ଓ ଗ୍ରାମବାସୀ କେନ୍ଦୁଝର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଘଟଣା ପଛରେ କ'ଣ କାରଣ ରହିଛି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଜିଲାପାଳ ଆଶିଷ ଠାକ୍‌ରେ ଅଭିଯୋଗପତ୍ର ଗ୍ରହଣ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

ପ୍ରକାଶ ଯେ, ଗତ ୨୨ ତାରିଖରେ ଅଭିଯୁକ୍ତମାନେ ଆଦିତ୍ୟ ନାରାୟଣଙ୍କୁ ଗାଡ଼ିରେ ଭୁବନେଶ୍ୱରର ଏକ ନିଶାନିବାରଣ କେନ୍ଦ୍ରକୁ ନେଇଯାଉଥିଲେ। ଏଥିପାଇଁ ସେମାନେ ପରିବାର ଲୋକଙ୍କଠାରୁ ଖର୍ଚ୍ଚ ବାବଦରେ ଟଙ୍କା ନେଇଥିଲେ। ଶଗଡ଼ପଟା ନିକଟରେ ରାତି ପ୍ରାୟ ୨ଟାରୁ ୩ଟା ମଧ୍ୟରେ ଗଣ୍ଡଗୋଳ ହେବାରୁ ଆଦିତ୍ୟଙ୍କୁ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ଲୁଚାଇବାକୁ ଏବଂ ପ୍ରମାଣ ନଷ୍ଟ କରିବାକୁ ୨୩ ତାରିଖ ଦିନ ବଡ଼ଶିଆଳିନଈ ଗ୍ରାମ ଜଙ୍ଗଲରେ ମୃତଦେହ ପୋଡ଼ି ଦେଇଥିଲେ। ନିଶା ନିବାରଣ କେନ୍ଦ୍ରକୁ ନେବା ବେଳେ ଆଦିତ୍ୟ ଗାଡ଼ିରୁ ଡେଇଁ ପଳାଇଥିବା ପରିବାର ଲୋକଙ୍କୁ କହିବା ପରେ ସେ ନିଖୋଜ ହୋଇଥିବା ନେଇ ପରିବାର ଲୋକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ୨୪ ତାରିଖରେ ଆଦିତ୍ୟଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଯଶିପୁର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ତଦନ୍ତ କରି କେନ୍ଦୁଝର ସିରାଜୁଦ୍ଦିନ ଛକର ସତ୍ୟଜିତ୍ ପାଢୀ, ଘଟଗାଁ ଅଞ୍ଚଳର ସ୍ୱରୂପ ନାରାୟଣ ପଲେଇ ଏବଂ ପଣ୍ଡାପଡ଼ା ଥାନା ବଡ଼କମଣ୍ଡରା ଗ୍ରାମର ରଞ୍ଜିତ ନାଏକଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## 'ଜଗଦଲପୁରରେ ସର୍ବାଧିକ ଲକ୍ଷ୍ୟଧାର୍ଯ୍ୟ ପୂରଣ'


ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୩୧।୩

ଭଦ୍ରକ ଶହୀଦ ସ୍ମୃତି ଭବନରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଭଦ୍ରକ ବ୍ଲକ ଅଧ୍ୟକ୍ଷ ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବିଡିଓ ମନୋଜ କୁମାର ବେହେରା, ଜିଲା ପରିଷଦ ସଭ୍ୟ ମଳୟ ଜେନା, ପ୍ରମିଳା ଜେନା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ସୂଚନା ମୁତାବକ ୨୦୨୦-୨୧ ବର୍ଷ ପାଇଁ ସମୁଦାୟ ୩,୨୯୭ଟି ପ୍ରକଳ୍ପ କାର୍ଯ୍ୟ କରାଯାଇ ୧୪,୪୫୩ ପରିବାରକୁ କର୍ମନିଯୁକ୍ତି ଯୋଗାଇ ଦିଆଯାଇଥିବା ବେଳେ ୧୪ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ସେହିପରି ୨୦୨୧-୨୨ ବର୍ଷ ପାଇଁ ୮୧୨ଟି ପ୍ରକଳ୍ପ କରାଯାଇ ୧୨,୪୯୬ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୧୩କୋଟି ଟଙ୍କା ବ୍ୟୟ କରାଯାଇଥିଲା। ଜଗଦଲପୁର ପଞ୍ଚାୟତରେ ସବୁଠାରୁ ଅଧିକ ୧୧୮ ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ ପୂରଣ କରାଯାଇଥିବା ବେଳେ ବନ୍ଧଗାଁରେ ସବୁଠୁ କମ୍ ହୋଇଥିବା କୁହାଯାଇଛି। ଶିବିରରେ ୮ ଅଭିଯୋଗର ସମୀକ୍ଷା କରାଯାଇ ଶୁଣାଣି କରାଯାଇଥିଲା।

## ୨ ଶିକ୍ଷକଙ୍କୁ ଚାକିରିରୁ ଅନ୍ତର

ବାରିପଦା ଅଫିସ,୩୧।୩

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଦୁଇ ଶିକ୍ଷକଙ୍କୁ ଚାକିରିରୁ ଅନ୍ତର କରାଯାଇଛି। ଡିପସି ନବ କିଶୋର ଗିରିଙ୍କ ଚିଠି ନଂ.୧୩୯୦/୧୩୯୩ ତା. ୩୧ ମାର୍ଚ୍ଚ ୨୦୨୨ରିଖ ଅନୁଯାୟୀ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କପ୍ତିପଦା ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଦ୍ୱୟ ହେଲେ ମଝିଗଡ଼ିଆ ପଞ୍ଚାୟତ ମହୁଲପଙ୍ଖା ସ୍କୁଲର ସୌରଭ ଆଚାର୍ଯ୍ୟ ଓ ନଟୋ ପଞ୍ଚାୟତ ହଳଦିଆସାହି ସ୍କୁଲର ମନଶ୍ରୀ ନାଏକ। ଜାଲ୍ ବିଇଡି ସାର୍ଟିଫିକେଟ ଯାଞ୍ଚ ସମୟରେ ଏହି ଦୁଇ ଶିକ୍ଷକ ଚାକିରି ପାଇବା ବେଳେ ପ୍ରଦାନ କରିଥିବା ବିଇଡି ସାର୍ଟିଫିକେଟର ପଞ୍ଜୀକୃତ ନମ୍ବର ଅନ୍‌ଲାଇନରେ ପ୍ରଦର୍ଶିତ ହୋଇ ନ ଥିଲା। ଏଣୁ ସାର୍ଟିଫିକେଟ ଦୁଇଟି ଜାଲ୍ ବୋଲି ପ୍ରମାଣିତ ହେବା ପରେ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ତେବେ ମନଶ୍ରୀ ନାଏକ ତିନିମାସ ପୂର୍ବରୁ ଚାକିରି ଛାଡ଼ି ଚାଲିଯାଇଥିବା ବେଳେ ସୌରଭ ଆଚାର୍ଯ୍ୟ ମଧ ନିର୍ଦ୍ଦେଶ ଆସିବା ପୂର୍ବରୁ ଚାକିରି ଛାଡ଼ି ଦେଇଥିବା ନେଇ ବିଇଓ ଜଗନ ମୋହନ ବେହେରା କହିଛନ୍ତି।

## ତୁରନ୍ତ ପ୍ରକଳ୍ପ କାମ ଆରମ୍ଭ ଲାଗି ନିର୍ଦ୍ଦେଶ


ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ସାହୁ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

ବନ୍ତ, ୩୧।୩ (ଡି.ଏନ୍.ଏ./ସ୍ୱ.ପ୍ର.)

**ମହାନ୍ତିପଡ଼ା ପଞ୍ଚାୟତ ପରିଦର୍ଶନ କଲେ ପ୍ରକଳ୍ପ ନିର୍ଦ୍ଦେଶକ**

ଭଦ୍ରକ ଜିଲା ବନ୍ତ ବ୍ଲକ ମହାନ୍ତିପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଗୁରୁବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ସାହୁ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଉକ୍ତ ପଞ୍ଚାୟତରେ ରୁରାଲ୍ ପାର୍କ, ଖେଳପଡ଼ିଆ, କଲ୍ୟାଣ ମଣ୍ଡପ ନିର୍ମାଣ ସହ ଆଶାମଣି ଉଚ୍ଚ ବିଦ୍ୟାପୀଠର ଭିତ୍ତିଭୂମି ବିକାଶ ନେଇ ଉପଯୁକ୍ତ ସ୍ଥାନ ପରିଦର୍ଶନ କରି ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ଶୁଭଦର୍ଶନ ମିଶ୍ର, ସରପଞ୍ଚ ନିହାର ରଞ୍ଜନ ପଣ୍ଡା, ସମିତିସଭ୍ୟ ନିର୍ମଳ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ପରିଡ଼ା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଣିଗ୍ରାହୀ, ଏଷ୍ଟିମେଟର ଜ୍ଞାନେନ୍ଦ୍ର ଜେନା, ଗ୍ରାମରୋଜଗାର ସେବକ ସୁବୋଧ ରାଉତ, ପଞ୍ଚାୟତ ବିଜେଡି ସଭାପତି ନନ୍ଦ କିଶୋର ନାୟକଙ୍କ ସହ ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

## ବିଭିନ୍ନ ସୁବିଧାରୁ ବଞ୍ଚିତ ହିତାଧିକାରୀ

ଯୋଡ଼ା, ୩୧।୩(ଡି.ଏନ.ଏ.)

**ନବନିର୍ବାଚିତ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର ହେଉନି**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଚମକପୁର ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବାରୁ ହିତାଧିକାରୀମାନେ ସରକାରଙ୍କ ସେବା ଓ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଲୋକେ ଯୋଡ଼ା ବ୍ଲକରେ ଅଭିଯୋଗ କରିବାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୧୧୪୩ ତା ୨୨।୩।୨୦୨୨ରିଖରେ ଚମକପୁରର ପୂର୍ବତନ ସରପଞ୍ଚ ନରହରି ନାଏକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ୍ୱର ପ୍ରଧାନଙ୍କୁ ଅବଗତ କରାଯାଇଛି। ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ଓ ପୂର୍ବତନ ସରପଞ୍ଚ ନାଏକଙ୍କୁ ପଚାରିବାରୁ ସେମାନେ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିସାରିଥିବା କହିଛନ୍ତି।

ଅନ୍ୟପକ୍ଷେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ସାଧାରଣ ବଣ୍ଟନ ଠିକ୍ ଭାବେ ହୋଇପାରି ନାହିଁ। ଗତ ମାସରେ ଗ୍ରାମର ପ୍ରାୟ ୩୦ଜଣ ହିତାଧିକାରୀ ଟିକେଟ୍ ପାଇଥିଲେ ହେଁ ରାଶନ ସାମଗ୍ରୀ ପାଇପାରି ନାହାନ୍ତି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଚାଉଳ, ଗହମ, ମାଣ୍ଡିଆ, ସୋଲା ପଡ଼ି ରହି ନଷ୍ଟ ହେବାକୁ ବସିଛି। ହିତାଧିକାରୀଙ୍କୁ ଭତ୍ତା ମଧ ଠିକ୍ ସମୟରେ ମିଳିପାରି ନାହିଁ।

## ରେଳଷ୍ଟେଶନରେ ତ୍ରିରଙ୍ଗା ପରିବର୍ତ୍ତନ ଦାବି

ବାଲେଶ୍ୱର ଅଫିସ, ୩୧।୩

ବାଲେଶ୍ୱର ରେଳଷ୍ଟେଶନ ମୁଖ୍ୟ ଫାଟକ ସମ୍ମୁଖରେ ଲାଗିଥିବା ଜାତୀୟ ତ୍ରିରଙ୍ଗା ପତାକା ଦୀର୍ଘଦିନ ଧରି ଲାଗିଥିବାରୁ ଅପରିଷ୍କାର ହେବା ସହ ଚିରିଗଲାଣି। ଖୁବ୍‌ଶୀଘ୍ର ଏହାକୁ ବଦଳାଇବା ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲେଶ୍ୱର ପକ୍ଷରୁ ଗୁରୁବାର ବାଲେଶ୍ୱର ଷ୍ଟେଶନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ଷ୍ଟେଶନ ଅଧିକାରୀ ଯଥାଶୀଘ୍ର ଉକ୍ତ ତ୍ରିରଙ୍ଗା ପତାକା ପରିବର୍ତ୍ତନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏବିଭିପିର ଜିଲା ପ୍ରମୁଖ ପ୍ରତ୍ୟୁଷ କୁମାର ବେହେରା, ବିଭାଗ ସହ ସଂଯୋଜକ ରଜତ କୁମାର ପାତ୍ର, ନଗର ସଙ୍ଗଠନ ସମ୍ପାଦକ ଅରଜିତ ପଟ୍ଟନାୟକ, ଜୟନ୍ତ କୁମାର ପ୍ରଧାନ ଓ ଅସୀମ ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ସାମିଲ ଥିଲେ।



ରେଳ ଷ୍ଟେଶନ ମୁଖ୍ୟ ଫାଟକ ସମ୍ମୁଖରେ ଲାଗିଥିବା ତ୍ରିରଙ୍ଗା।

## ତାରୁଣ୍ୟ ଆତ୍ମସମୀକ୍ଷା, ନିରୀକ୍ଷଣର ସୁଯୋଗ ସୃଷ୍ଟି କରେ



ଉତ୍ସବରେ ଉପସ୍ଥିତ ଅତିଥି।

ଧାମନଗର,୩୧।୩(ଡି.ଏନ.ଏ)

**ଧାମନଗର କଲେଜର ବାର୍ଷିକ ଉତ୍ସବ**

ତାରୁଣ୍ୟ କେବଳ ସ୍ୱପ୍ନ ଦେଖାଏନି, ଆତ୍ମ ସମୀକ୍ଷା ଓ ନିରୀକ୍ଷଣର ସୁଯୋଗ ସୃଷ୍ଟି କରେ ବୋଲି ଧାମନଗର କଲେଜର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ର ସଂସଦ, ଯୁକ୍ତ ୨ ସାଂସ୍କୃତିକ ସଂସଦ ଓ ନାଟ୍ୟ ସଂସଦର ମିଳିତ ବାର୍ଷିକ ଉତ୍ସବରେ ଅନ୍ୟତମ ଅତିଥି ଭାବେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଯୋଗଦେଇ ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ମଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ନିରଞ୍ଜନ ପାଢ଼ୀ ଓ ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ବ୍ୟଙ୍ଗକାର ଜ୍ଞାନ ହୋତା ଯୋଗ ଦେଇଥିଲେ।

ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ 'ପେଟେଣ୍ଟ ମେଡିସିନ' ଏବଂ ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନା ଓ ପରିଚାଳନାରେ ଷ୍ଟୁଡେଣ୍ଟ୍ସ ମେଲୋଡ଼ି ପରିବେଷିତ ହୋଇଥିଲା। ପ୍ରାଧ୍ୟାପକ ବନମାଳି ଦାଶ ସ୍ୱାଗତ ଭାଷଣ, ନାଟ୍ୟସଂସଦ ଉପସଭାପତି ଅଧ୍ୟାପକ ଆଶିଷ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ହାସ୍ୟାଭିନେତା ଜ୍ଞାନ ହୋତା ଓ ଏନ୍‌ସିସି ଅଫିସର ଅଧ୍ୟାପକ ଆଶୀର୍ବାଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଅଜୟ ବେଜ, ସ୍ମରଣିକା ପ୍ରଧାନ, ଡ. ସମୀର ହୁଇ ପ୍ରମୁଖ ପରିଚାଳନା କରିଥିଲେ।

## 'ସଂସ୍କୃତି ହଜିଗଲେ ବିକ୍ଷିପ୍ତ ହୋଇଯିବ ଜୀବନ'

ବାଲେଶ୍ୱର ଅଫିସ, ୩୧।୩

**ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ସମ୍ମେଳନ**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ 'ସମନ୍ୱୟ-୨୦୨୨' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଅତିଥି ଭାବେ ଯୋଗଦେଇ କଳା ଆମର ଜାତୀୟ ଜୀବନର ଅସ୍ମିତା, ଏହା ଆମର ଜାତୀୟ ପରିଚିତକୁ ସମୃଦ୍ଧ କରିଆସିଛି। ତେଣୁ ସଂସ୍କୃତି ହଜିଗଲେ ଜୀବନ ମଧ ବିକ୍ଷିପ୍ତ ହୋଇଯିବ ବୋଲି କହି ପ୍ରତିଭା ବିକାଶରେ ବିଶ୍ୱବିଦ୍ୟାଳୟର ଭୂମିକାକୁ ପ୍ରଶଂସା କରିଥିଲେ।

ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ବାର୍ଷିକ ସାଂସ୍କୃତିକ ସମାରୋହ ବିଶ୍ୱବିଦ୍ୟାଳୟର ଏକ ପରମ୍ପରା, ନୂଆ ନୂଆ ପ୍ରତିଭାମାନଙ୍କୁ ଖୋଜି ବାହାର କରିବାରେ ଏହି ଅନୁଷ୍ଠାନ ନିରନ୍ତର ପ୍ରୟାସ କରି ସେମାନଙ୍କର ଉତ୍ତରୋତ୍ତର ଉନ୍ନତି ନିମିତ୍ତ କ୍ଷେତ୍ର ଯୋଗାଇ ଆସିଛି ବୋଲି ମତ ଦେଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କଳା କେବଳ କଳା ପାଇଁ ନୁହେଁ, ସମାଜ ଓ ଜୀବନ ପାଇଁ ମଧ ଉପଯୋଗୀ ହୋଇଥାଏ ବୋଲି କହିଥିଲେ। ସାଂସ୍କୃତିକ ପରିଷଦ ଉପସଭାପତି ଡ. ସଞ୍ଜୀବ କୁମାର ମାଝି ବାର୍ଷିକ ବିବରଣୀ ଉପସ୍ଥାପନ କରି କଳା ଆମର ନୈତିକ ପ୍ରେରଣାର ଚେତନା ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ସାଂସ୍କୃତିକ ସମାରୋହରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦକୁ ମଧ ଅଂଶୀଦାର କରାଯାଇଥିଲା। ଫଳରେ ଉଭୟ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ପରିଷଦ ଉପସଭାପତି ଡ. ତ୍ରିଲୋଚନ ସ୍ୱାଇଁ ଏଥିରେ କ୍ରୀଡ଼ା ପରିଷଦର ବାର୍ଷିକ ବିବରଣୀ ପାଠ କରିବା ସହିତ କ୍ରୀଡ଼ା ମଧ ଆମର ସାଂସ୍କୃତିକ ଚେତନାର ଏକ ବିଶିଷ୍ଟ ବିଭାଗ ବୋଲି ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମସ୍ତ ନୃତ୍ୟ, ଗୀତ ଅଭିନୟ ଓ ଅନ୍ୟାନ୍ୟ କଳାକୃତି ପରିବେଷଣ ଏହି ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା। ଏଠାରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ହାରାହାରି ୧୩୦୦ ଛାତ୍ରୀଛାତ୍ର ଉପସ୍ଥିତ ରହି ଆୟୋଜନକୁ ଉତ୍ସବମୁଖର କରିଥିଲେ। ସମ୍ବିତ ଶୁଭଙ୍କର ସ୍ୱାଇଁ, ମାନସୀ ପ୍ରିୟଦର୍ଶନୀ ଏହି ଦୁଇଜଣ ବିଦ୍ୟାର୍ଥୀ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମରେ ସଂଯୋଜନା ଓ ଅଧ୍ୟାପିକା ଡ. ମୋନାଲିସା ଜେନା ମାନପତ୍ର ପାଠ କରିଥିଲେ।



ସାଂସ୍କୃତିକ ସମ୍ମେଳନରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଉଛି।

## ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**କୁଆମରା/ଖୁଣ୍ଟା, (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପଶୁଦା ପଞ୍ଚାୟତର ଦାନ୍ଦୁସାହିଠାରେ ନବ ନିର୍ମିତ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳ ବିନୀତ ଭରଦ୍ୱାଜ ଉଦଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଉର୍ମିଳା ଲେଙ୍କା, ବିଡ଼ିଓ ସଂଗ୍ରାମ କେଶରୀ ଭୋଳ,ସିଡିପିଓ , କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପଶୁଦା ସରକାରୀ ଉଚ୍ଚ ବିଦ୍ୟାଳୟର ୫-ଟି କାର୍ଯ୍ୟକୁ ଜିଲାପାଳ ତଦାରଖ କରିଥିଲେ।

**ସଂକ୍ଷେପରେ**

## ପିଆର୍‌ଏମ୍ ମେଡିକାଲ ସମସ୍ୟାକୁ ନେଇ ଆଲୋଚନା

**ବାରିପଦା ଅଫିସ,୩୧।୩:** ମୟୂରଭଞ୍ଜ ଜିଲାର ଅଗ୍ରଣୀ ସଙ୍ଗଠନ ଭଞ୍ଜସେନାର ଏକ ପ୍ରତିନିଧି ଦଳ ବୁଧବାର ପିଆରଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ସର୍ଜରୀ ୱାର୍ଡର ୟୁନିଟ-୨ବିଭାଗରେ ସିଡିଠାରୁ ୱାର୍ଡ ମଧ୍ୟରେ ଛାତରୁ ପ୍ଲାଷ୍ଟର ଖସିବା, ବ୍ୟାଟେରି ଚାଳିତ ଗାଡ଼ିକୁ ପୁନଃକ୍ଷମ କରିବା, ବିଦ୍ୟୁତ୍ ସରବରାହ ବ୍ୟାଘାତ କାରଣରୁ ସିଟି ସ୍କାନ ଓ ଏମ୍‌ଆର୍‌ଆଇ ଭଳି ପରୀକ୍ଷା ପାଇଁ ରୋଗୀମାନେ ହନ୍ତସନ୍ତ ହେଉଥିବା ଆଦି ସମସ୍ୟାର ସମାଧାନ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଖୁବଶୀଘ୍ର ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ତେବେ ବିଭାଗ ପକ୍ଷରୁ ଅତିଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଡା.ପ୍ରତିଭା ରାୟ କହିଛନ୍ତି। ଏହି ଆଲୋଚନାରେ ମାନସ ବେହେରା, ଏସ.କେ.ରାଜାଖାନ୍, ସୌମ୍ୟ ରଞ୍ଜନ ମିଶ୍ର, ସତ୍ୟବ୍ରତ ଦାସ, ଟିନା ମହାନ୍ତ, ଲିଟୁ ମହାନ୍ତ ଓ ବସନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାମନଗରରେ ପ୍ରଥମ ଜନଶୁଣାଣି

**ଧାମନଗର, ୩୧।୩:** ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପ୍ରଥମଥର ଜନଶୁଣାଣି ଶିବିର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ବିଡିଓ ଦୁର୍ଗା ଚରଣ ମୁର୍ମୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ମନୋଜ ପାତ୍ର, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ବିଧାୟକ ପ୍ରତିନିଧି ମନୋଜ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା, ସୁପରିଚାଳନା ଏବଂ ଯୋଗ୍ୟ ହିତାଧିକାରୀମାନେ କିପରି ଏହି ଯୋଜନା ମାଧ୍ୟମରେ ଉପକୃତ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ଉପଜିଲାପାଳ ପାତ୍ର ପରାମର୍ଶ ଦେଇଥିଲେ।

## ବିଜେଡିର ଜନସଚେତନତା ଓ ପ୍ରତିବାଦ ସଭା

**ସୋର, ୩୧।୩(ଡି.ଏନ୍.ଏ.):** ସୋର ବିଜେଡ଼ି ପକ୍ଷରୁ ଏକ ଜନସଚେତନତା ଓ ପ୍ରତିବାଦ ଶୋଭାଯାତ୍ରା ମେଡ଼ିକାଲ ଛକ ନିକଟରୁ ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲା। ବିଜେଡ଼ିର ନଗର ସଭାପତି ସୁକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ଏକ ପ୍ରତିନିଧି ଦଳ ଗୁଣ୍ଡାରାଜ ବିରୋଧରେ ଥାନା ଭାରପ୍ରାପ୍ତ ଅଧିକାରିଣୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଜୁ ଜନତା ଦଳର ନିର୍ବାଚିତ ଜିଲା ପରିଷଦ ସଦସ୍ୟ ଜୟରାମଦାସ, ଜୟନ୍ତ ସ୍ୱାଇଁ ଓ ନୀଳାମ୍ବର ମହାଳିକ ପ୍ରମୁଖ ଆଗାମୀ ୧୦ ଦିନ ମଧ୍ୟରେ ସୋର ପୋଲିସ ଯଦି ଅଭିଯୁକ୍ତମାନଙ୍କୁ ଗିରଫ ନ କରନ୍ତି, ତେବେ ବିଜେଡି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ନଗରପାଳ ବଙ୍କେଶ କୁମାର ବେହେରା, ଅବିନାଶ ପାତ୍ର, ଶଙ୍କର୍ଷଣ ବାରିକ, ଅମି ପଟ୍ଟନାୟକ, ସବିରା ସରପଞ୍ଚ ରାଜୀବ ରାଉତ, କରୁଣାକର ନାୟକ, ସରପଞ୍ଚ ସୌମେନ୍ଦ୍ର ଦାଶ ମହାପାତ୍ର , ଅନୀତା ବେହେରା, ମଞ୍ଜୁ ମହାନ୍ତି, ଦିପ୍ତୀକାନ୍ତ ପଣ୍ଡା, ରମାନାଥ ବେହେରା, ଯତୀନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ସୋର ଓ ବାହାନଗା ବ୍ଲକର ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ଓ ବାହାନଗା ବ୍ଲକ ସଭାପତି ଅଜୟ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

**ଭୋଗରାଇ, ୩୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜୟରାମପୁର ଗ୍ରାମର ପଣ୍ଡିତ ପ୍ରବର ଶିକ୍ଷାବିତ୍, ସ୍ଥାନୀୟ ସେବା ସମବାୟ ସମିତିର ସଭାପତି, ଜଣେ ବିଚକ୍ଷଣ ରାଜନୈତିକ ବ୍ୟକ୍ତି ମହେଶ ରଞ୍ଜନ ମିଶ୍ର (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଉଚ୍ଚକୋଟୀର ଆଦର୍ଶ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ଅନନ୍ତ ଦାସ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପରେଶ ଚନ୍ଦ୍ର ନାୟକ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, କଂଗ୍ରେସ ନେତା ସତ୍ୟଶିବ ଦାସଙ୍କ ସହିତ ଶିକ୍ଷକ ସଂଘର ନେତୃମଣ୍ଡଳୀ, ବିଭିନ୍ନ ଗଣସଙ୍ଗଠନର ନେତୃବୃନ୍ଦ, ଭୋଗରାଇ ଖବରଦାତା ସଂଘର କର୍ମକର୍ତ୍ତାଙ୍କ ସହିତ ବହୁ ବୁଦ୍ଧିଜୀବୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ଭୁବନେଶ୍ୱରରୁ ଭୋଗରାଇ ଅଣାଯାଉଥିବା ବେଳେ ଗାଁ ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

# ଆସ୍ଥାନରେ ଚାଦର ଚଢ଼ାଇଲେ ଶ୍ରଦ୍ଧାଳୁ

### ବାବା ଭୁଜାଖିଆ ପୀରଙ୍କ ବାର୍ଷିକ ଉର୍ସ ଉତ୍ସବ

**ବାଲେଶ୍ୱର ଅଫିସ, ୩୧।୩**

ବାଲେଶ୍ୱର ଜିଲାର ଭାଇଚାରାର ପ୍ରତୀକ ସହରର ସୁନହଟ ସ୍ଥିତ 'ବାବା ଭୁଜାଖିଆ ପୀରଙ୍କ ୩ ଦିନିଆ ୭୮ତମ ବାର୍ଷିକ ଉତ୍ସବ 'ଉର୍ସ' ଉଦ୍‌ଘାଟିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚ ଶେଷ ବୁଧବାର, ଗୁରୁବାର, ଶୁକ୍ରବାର ୩ ଦିନ ଧରି ବାବାଙ୍କ ଏହି ପୀଠରେ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ। ରାଜ୍ୟ ତଥା ରାଜ୍ୟ ବାହାରୁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ହଜାର ହଜାର ଶ୍ରଦ୍ଧାଳୁ ନିଷ୍ଠାର ସହ ପୀରବାବାଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି। ଆସନ୍ତା ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ୩ଦିନ ବାବାଙ୍କ ଉର୍ସ ଉତ୍ସବ ପାଳନ ହେଉଥିବା ବେଳେ ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ୍ ପାଠ, ମିଲାଡ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସ୍ଥାନୀୟ ପରମିଟ୍ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢ଼ାଯିବା ସହ ସାମୂହିକ କୋରାନ ପାଠ କରାଯାଇଥିଲା। ବିହାରର ଅମଜେର ସରିଫର ଧର୍ମଗୁରୁ ହଜରତ ସୟେଦ ଜମାଲୁଦ୍ଦିନ ଆବେଦୁଲ କ୍ୱାଦ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋସାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବାବା ଭୁଜାଖିଆ ପୀରଙ୍କ ପୀଠରେ ଶ୍ରଦ୍ଧାଳୁ।

ପରେ ଭକ୍ତମାନେ ଦିବସବ୍ୟାପୀ ବାବାଙ୍କୁ ଦର୍ଶନ କରି ଚାଦର ଚଢ଼ାଇଥିଲେ। ତେବେ ଜନଗହଳି ନିୟନ୍ତ୍ରଣ ପାଇଁ ପୀରବାବା ଶାନ୍ତି କମିଟି ଓ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ୩ଜଣ ଡିଏସ୍‌ପି, ୩ଜଣ ଇନ୍ସପେକ୍ଟର, ୨୬ଜଣ ସବ୍‌ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଏବଂ ୧୩ ସେକ୍ସନ ପୋଲିସଫୋର୍ସ ସହ କନଷ୍ଟେବଳ ଓ ହୋମଗାର୍ଡ଼ଙ୍କୁ ମୁତୟନ କରାଯାଇଛି ବୋଲି ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହିତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା କୁହାଯାଇଛି। ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକମାନେ ବାବାଙ୍କ ବାର୍ଷିକ ଉତ୍ସବରେ ଯୋଗଦେଇ ପ୍ରାର୍ଥନା କରିବା ସହ ଭୋଗ ଲଗାଇଥାନ୍ତି। ବିଶେଷ କରି ପୀଠରେ ଲଡୁ, ଗଜା, କୋରା, ଖଜା ଆଦି ଶୁଖିଲା ମିଷ୍ଟାନ୍ନ ଭୋଗ ସ୍ୱରୂପ ଲଗାଯିବାର ବିଧି ରହିଛି। ବହୁ ଭକ୍ତ ଏହି ପୀଠକୁ ଆସିବା ପରେ ସେମାନଙ୍କର ମାନସିକ ପୂରଣ ହୋଇଥିବା କହିଛନ୍ତି। ବାବାଙ୍କ ପ୍ରତି ମନରେ ଦୃଢ଼ ବିଶ୍ୱାସ ଥିବାରୁ ପ୍ରତ୍ୟେକ ବର୍ଷ ଉର୍ସ ଉତ୍ସବ ପାଳନ ପାଇଁ ଭକ୍ତମାନେ ଏଠାକୁ ଆସିଥାନ୍ତି ବୋଲି ସେମାନେ କହିଛନ୍ତି। ତେବେ ଭାଇଚାରାର ନିଦର୍ଶନ ପାଲଟିଥିବା ବାବା ଭୁଜାଖିଆ ପୀରଙ୍କ ପୀଠରେ ଉଭୟ ହିନ୍ଦୁ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାବାଙ୍କ ପୀଠକୁ ଆସିଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ବାବା ଭୁଜାଖିଆ ପୀର ପୀଠ ପରିଚାଳନା କମିଟି ସଭାପତି ଶେଖ ରଫିକ, ସମ୍ପାଦକ ଶେଖ ଜହିରୁଦ୍ଦିନଙ୍କ ସମେତ ଶେଖ ଅବଦୁଲ ଲତିଫ, ଶେଖ ଅବଦୁଲ ମୋହିତ, ଶେଖ ଅବଦୁଲ ବୁରହାନ, ଶେଖ ସାମସୁଦ୍ଦିନ, ହାଫିଜ ବାଦରୁଲ ହସନ, ଶେଖ ସଲିମ, ଶେଖ ଅବଦୁଲ ଇସଲାମ, ଶେଖ ଅବଦୁଲ କାମିଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ଏମ୍ସ ସାଟେଲାଇଟ୍ ସେଣ୍ଟର ବହିର୍ବିଭାଗ କାର୍ଯ୍ୟକ୍ଷମ ଦାବି



ଏମ୍‌ସ ସାଟେଲାଇଟ୍ ସେଣ୍ଟର ବହିର୍ବିଭାଗ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୩୧।୩**

ବାଲେଶ୍ୱର ଜିଲାରେ ଏମ୍‌ସ ସାଟେଲାଇଟ୍ ସେଣ୍ଟର ବହିର୍ବିଭାଗର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାନେତ୍ରୀ ମମତା ମହାପାତ୍ର ଓ ଆଜୀବନ ସଦସ୍ୟା ସୁଶ୍ରୀ ଗୀତାଞ୍ଜଳି ସିଂହ ଏମ୍‌ସ ନିର୍ଦ୍ଦେଶକ ଡା. ମୁକେଶ ତ୍ରିପାଠୀଙ୍କୁ ଗୁରୁବାର ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ। ଏମ୍‌ସର ନିର୍ଦ୍ଦେଶକ ଡା. ତ୍ରିପାଠୀ ଓ ଏମ୍‌ସ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ଆସନ୍ତା ମାସ ପ୍ରଥମ ସପ୍ତାହରେ ବାଲେଶ୍ୱର ଗସ୍ତ କରି ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ଏକ ପ୍ରେସ୍ ବିବୃତ୍ତିରେ କ୍ରିୟାନୁଷ୍ଠାନ କମିଟି ଜନ ସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଯୁବ ସଂସ୍କାର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧ୍ୟାପିକା ଓ ଛାତ୍ରୀମାନେ।

**ଭଦ୍ରକ ଅଫିସ, ୩୧।୩**

ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ଦେଇ ଯୁବ ଶିକ୍ଷାର୍ଥୀଙ୍କୁ ଆଗାମୀ ଜୀବନ କ୍ଷେତ୍ରରେ ସୁପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଗୁରୁବାର ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଡ. ଶୁଭଶ୍ରୀ ବେହେରା ଏହାର ରୂପରେଖ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟତମ ସହ ସଂଯୋଜକ ମନୋଜ କୁମାର ସାହୁ, ଅଧ୍ୟାପକ ଡ. ଅଭୟ କୁମାର ଦାସ, ପ୍ରାଧ୍ୟାପିକା ଅନିତା ଦଳାଇ, ଡ. ସଙ୍ଗୀତା ଦାସ, ସ୍ୱାତୀ ସମୀକ୍ଷା ନାୟକ, ସୁଭଦ୍ରାରାଣୀ ଜେନା, ସଂଘମିତ୍ରା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସହ ସଂଯୋଜିକା ସୌଦାମିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର, ଏନ୍‌ଏସି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ରାଇରଙ୍ଗପୁର/ ଉଦଳା,୩୧।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦର ନବ ନିର୍ବାଚିତ ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୌର ପରିଷଦର ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ଶତପଥୀ ତାଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ପୌର ପରିଷଦର ପ୍ରଶାସକ ଓ ବିଭିନ୍ନ କର୍ମଚାରୀଙ୍କ ସହ ୩ନଂ.ୱାର୍ଡର ଡିଫେନ୍ସ କଲୋନୀ ବସ୍ତି ଅଞ୍ଚଳରେ ପ୍ରାୟ ୮୩ ଲକ୍ଷ ଟଙ୍କା ଅନୁଦାନରେ ନବ ନିର୍ମିତ ପୌର କାର୍ଯ୍ୟାଳୟ ଅନୁଧ୍ୟାନ କରିଥିଲେ। ଏହି ଅବସରରରେ ପୌର ପରିଷଦ ଅଧୀନ ୧୧ନଂ. ୱାର୍ଡର ନବ ନିର୍ବାଚିତ ବିଜେଡି କାଉନସିଲର ଓ ପୌର ପରିଷଦର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସେହିପରି ଉଦଳା ପୌର ପରିଷଦର ନୂତନ ଅଧ୍ୟକ୍ଷା ଭାବେ ପ୍ରମିଳା ପଣ୍ଡା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, କର୍ମଚାରୀ ଓ ଭାଜପାର ନବ ନିର୍ବାଚିତ କାଉନସିଲର ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ୧୨ଟି ୱାର୍ଡର ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବା ନେଇ ସମସ୍ତ କାଉନସିଲରଙ୍କ ସହିତ ଆଲୋଚନା କରିଥିଲେ।

## ଜେଏସ୍‌ପିରେ ଓପି ଜିନ୍ଦଲଙ୍କ ପୁଣ୍ୟତିଥି



ସ୍ମୃତିଚାରଣ ଅବସରରେ ଉପସ୍ଥିତ କମ୍ପାନୀର ଅଧିକାରୀ ।

**କେନ୍ଦୁଝର, ୩୧।୩(ଡି.ଏନ୍.ଏ.)**

ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କର ୧୭ ତମ ତିରୋଧାନ ଦିବସ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସ୍‌ପି) ପ୍ଲାଣ୍ଟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ କୋଭିଡ ନିୟମକୁ କଡାକଡି ଭାବେ ମାନି ପିଲେଟ ପ୍ଲାଣ୍ଟ ତଥା କାଶିଆ ଏବଂ ଟେନସା ଖଣିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସକାଳେ ସୋୟାବାଲିସ୍ଥିତ ଶିବ ମନ୍ଦିରରେ ଜିନ୍ଦଲଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପ୍ଲାଣ୍ଟର କର୍ମଚାରୀମାନେ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବଡବିଲ ପ୍ଲାଣ୍ଟ ମୁଖ୍ୟ ବ୍ରିଜ ବଦହଦରା ଉପସ୍ଥିତ ଥିଲେ। ଜିନ୍ଦଲ, ବ୍ୟବସାୟ ସହ ପରୋପକାର ଏବଂ ସମାଜ ସେବାରେ ବିଶେଷ ରୁଚି ରଖୁଥିବାରୁ ସିଏସ୍‌ଆର ବିଭାଗ ତରଫରୁ ପିଲେଟ ପ୍ଲାଣ୍ଟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସ୍କୁଲ ଗୁଡିକରେ ପ୍ରାୟ ୧୮୦୦ଟି ସ୍କୁଲ ବ୍ୟାଗ ବଣ୍ଟା ଯାଇଥିଲା। ଏଥିସହ କେନ୍ଦୁଝରଠାରେ ଥିବା ଅନ୍ଧ ଓ ବଧିର ବିଦ୍ୟାଳୟରେ ପିଲାମାନଙ୍କୁ ସ୍କୁଲ ରନ୍ଧା ଖାଦ୍ୟ ବଣ୍ଟା ଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଜିନ୍ଦଲ ନଗର କଲୋନୀ ଓ ଟେନସାଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୧୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଶିକ୍ଷା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବନ୍ତ,୩୧।୩ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ସନାତନ ନାୟକଙ୍କୁ ଗୁରୁବାର ଓଷ୍ଟାର ଜିଲା ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅକ୍ଷୟ କୁମାର ହୋତା ସନାତନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିସହ ବିଦାୟୀ ଶିକ୍ଷୟିତ୍ରୀ ସୁରଜିତା ବାଇ, ଶିକ୍ଷକ ଶୋଭେନ୍ଦ୍ର କୁମାର ମାଝି ଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା ସଭାପତିତ୍ୱ କରିଥିଲେ। ଓଷ୍ଟାର ପ୍ରାକ୍ତନ ସମ୍ପାଦକ ରଘୁନାଥ ସାହୁ, ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ସରପଞ୍ଚ ରଜନୀ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ନବ କୁମାର ଲେଙ୍କା, ନରହରି ବାରିକ, ନିରାକର ବେହେରା, ଗୌରାଙ୍ଗ ଚରଣ ମହାନ୍ତି, ଭାସ୍କର ଚନ୍ଦ୍ର ସେନାପତି, ପ୍ରଭାକର ରାଉତ, ପୁରାତନ ଛାତ୍ର ହରିନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ

**ଯୋଡ଼ା,୩୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟରେ +୨ପ୍ରଥମ ବର୍ଷ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଯୋଡ଼ା ପୋଲିସ ଅଧିକାରୀ ଗୋପାଳ ଚନ୍ଦ୍ର ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ଡ. ମୃଦୁଳା ମହାନ୍ତି ଆତ୍ମରକ୍ଷା କୌଶଳର ମହିଳାମାନଙ୍କ ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଗୀତା ମିଶ୍ର ସଭା ପରିଚାଳନା କରିଥିଲେ। ଦୁଇ ପୁରାତନ ଛାତ୍ରୀ ତଥା ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଓ ରୁବିନା ପରିଡ଼ା ପ୍ରାରମ୍ଭିକ ଦିବସରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଏବଂ ଆଗକୁ ମଧ୍ୟ ସେମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିବେ। +୨ପ୍ରଥମ ବର୍ଷର ପ୍ରାୟ ୩୪୪ ଛାତ୍ରୀ ଆତ୍ମରକ୍ଷା କୌଶଳ ସମ୍ବନ୍ଧରେ ପ୍ରଶିକ୍ଷିତ ହେବେ।

## ପତିରାଜପୁରରେ ଜଗନ୍ନାଥ କଥାମୃତ

**ଖଇରା, ୩୧।୩(ଡି.ଏନ.ଏ.)**

ପୁରୀ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମେଳନ ପଡିଆରେ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳେ ଅନୁଷ୍ଠିତ ସଂସ୍କୃତି ବିଷୟକ ଜ୍ଞାନ ପରୀକ୍ଷାରେ ମିନତୀ ସେଠୀ, ଗାୟତ୍ରୀ ନାୟକ, ସନ୍ଧ୍ୟାରାଣୀ ପଣ୍ଡା, ଭାଗ୍ୟଶ୍ରୀ ବେହେରା, ଦେବଦତ୍ତ ତ୍ରିପାଠୀ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଅନୁଷ୍ଠିତ ଆଧ୍ୟତ୍ମିକ ଅଧିବେଶନରେ ଜଗନ୍ନାଥଙ୍କ ବଡପଣ୍ଡା କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ବରିଷ୍ଠ ଦଇତାପତି ସେବକ ଶ୍ରୀରାମଚନ୍ଦ୍ର ଦାସମହାପାତ୍ର, ବଡଶୃଆର ନିଯୋଗ ସଭାପତି ବିଶ୍ୱନାଥ ସାନ୍ତରା, ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ସାଂସ୍କୃତିକ ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ପ୍ରମୁଖ ଜଗନ୍ନାଥଙ୍କ ନୀତିକ୍ରାନ୍ତି ଉପରେ ତାତ୍ତ୍ୱିକ ବାଣୀ ଶୁଣାଇଥିଲେ। ଅପରାହ୍ନରେ ବିଶିଷ୍ଟ ପ୍ରବଚକ ଗୁରୁ ପ୍ରସାଦ ମହାପାତ୍ର ଜଗନ୍ନାଥ ସଂସ୍କୃତି



ଜଣେ ଶ୍ରଦ୍ଧାଳୁ ଗଜାନନ ବେଶ ଦର୍ଶନ କରୁଛନ୍ତି ।

ଉପରେ ପ୍ରବଚନ ଦେଇଥିଲେ। ଚାରଣ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଜଗନ୍ନାଥଙ୍କ ୬ବେଶ ଅବକାଶ, ପଦ୍ମ, ସୁନା, ବଡଶୃଙ୍ଗାର, ଗଜାନନ, ଠିଆକିଆ ବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ପଳସା ବ୍ରହ୍ମାନନ୍ଦ ଟ୍ରଷ୍ଟ ପକ୍ଷରୁ ଆସୁଥିବା ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଚାରଣ ଗୋଷ୍ଠୀ ପତିରାଜପୁର ମଣ୍ଡଳ ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ନିର୍ମଳ କୁମାର ପଣ୍ଡା, ସଂଯୋଜକ ବୁଦ୍ଧିରାମ ପାଣିଗ୍ରାହୀ, ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ପତ୍ରୀ, ସହସଂଯୋଜକ ରମଣି ରଞ୍ଜନ ନାୟକ, ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକ, ସମ୍ପାଦକ ଭରତ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ଘଡେଇ, ପ୍ରଦୀପ କୁମାର ସାମଲ, କୈଳାସ ସେଣ୍ଠ, ଖଇରା ପୋଲିସ ପ୍ରମୁଖ ସହଯୋଗ କରିଥିଲେ।

## ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୩୧।୩**

ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗରୁ ଅବସର ନେଇଥିବା ବରିଷ୍ଠ କର୍ମଚାରୀ ପୁରୁଷୋତ୍ତମ ସେଠୀଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଦୀର୍ଘ ୧୬ବର୍ଷ ଧରି ବାଲେଶ୍ୱର ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟ କରି ନିଜର କର୍ତ୍ତବ୍ୟପରାୟଣତା ଓ ସମୟାନୁବର୍ତ୍ତିତା ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ଅଧିକାରୀମାନେ ମତ ଦେଇଥିଲେ। ସେଠୀ ଭାବବିହ୍ୱଳ ହୋଇପଡ଼ିବା ସହିତ ଦୀର୍ଘ ବର୍ଷର ଚାକିରୀକାଳ ମଧ୍ୟରେ ସେ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଖବରଦାତାଙ୍କ ସହଯୋଗକୁ କେବେ ଭୁଲିପାରିବେ ନାହିଁ। ବାଲେଶ୍ୱର ସହର ସହ ତାଙ୍କର ନିବିଡ଼ ସମ୍ପର୍କ ସବୁବେଳେ ରହିବ ବୋଲି କହିଥିଲେ।



ବରିଷ୍ଠ କର୍ମଚାରୀ ପୁରୁଷୋତ୍ତମ ସେଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର




ଉଦଯାପନୀ ସଭାରେ ମଞ୍ଚାସୀନ ଅତିଥି।

**ଖଇରା, ୩୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ଫତେପୁରସ୍ଥିତ ଚିନ୍ତାମଣି ସଂସ୍କୃତ ମହାବିଦ୍ୟାଳୟ ଉପଶାସ୍ତ୍ରୀ(+୨) ପ୍ରଥମବର୍ଷର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ୨୧ରୁ ଆରମ୍ଭ ହୋଇ ୨୯ତାରିଖରେ ଶେଷ ହୋଇଯାଇଛି। ପ୍ରଶିକ୍ଷିକା କ୍ରିଷ୍ଣାପ୍ରଭା ପଣ୍ଡା ପାଣିଗ୍ରାହୀ ୨୨ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳ ଶିଖାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଆନନ୍ଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସଂଯୋଜକ ରମାରଞ୍ଜନ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଜୟନ୍ତୀ ମାଝି ମୁଖ୍ୟଅତିଥି, ଯୁକ୍ତ ୩ କଲେଜ ଅଧ୍ୟକ୍ଷ କ୍ଷିରୋଦ କୁମାର ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରତାପ କୁମାର ପଣ୍ଡା, ପ୍ରାକ୍ତନ ଅଧ୍ୟାପକ ପ୍ରଭାକର ବିଶ୍ୱାଳ, ଅତିଥି ଅଧ୍ୟାପକ ଭରତ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

## ୩୧୫ ନିଯୁକ୍ତି ଆଶାୟୀ ପଞ୍ଜୀକୃତ

**ଭଣ୍ଡାରିପୋଖରି, ୩୧।୩ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ଓର୍‌ମାସ ଦ୍ୱାରା ଆୟୋଜିତ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାରେ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବ୍ଲକ ସଂଯୋଜକ ସୁବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଉଦ୍‌ଘାଟନ କରିଥିଲେ। ୬ଟି ଉଦ୍ୟୋଗର ପ୍ରତିନିଧି ଯୋଗ ଦେଇଥିବା ବେଳେ ୩୧୫ ଆଶାୟୀ ନାମ ପଞ୍ଜୀକରଣ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବିଡିଓ ଦେବଦତ୍ତ ଦାସ, ସୁନୀଲ ନାୟକ, ଡିପିଏମ୍ ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନମିତା ଦଳେଇ, କାଞ୍ଚନବାଳା ମଲ୍ଲିକ, ସୀମାରାଣୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

